# ବଦଳି ସତ୍ତ୍ୱେ ଗାଦି ଛାଡ଼ୁନାହାନ୍ତି ଅଧିକାରୀ

■ତୁଟୁନି ଅନୁଗୋଳ ଜିଲା ମୋହ
■ବିଭିନ୍ନ ବିଭାଗରେ ବଢୁଛି ମଧ୍ୟସ୍ଥଙ୍କ ହସ୍ତକ୍ଷେପ
■ଅଭିଯୋଗକୁ ଖଣ୍ଡନ କଲେ ଜିଲାପାଳ

ଅନୁଗୋଳ,୧।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ବିଭିନ୍ନ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କେତେଜଣ ଅଧିକାରୀଙ୍କ ଅନୁଗୋଳ ମୋହ ତୁଟୁନାହିଁ। କାରଣ ଏପରି ଅଧିକାରୀମାନଙ୍କ ମଧ୍ୟରୁ ଅତୀତରେ କେତେଜଣଙ୍କ ବଦଳି ହୋଇଥିଲେ ହେଁ ସେମାନେ ଜିଲା ଛାଡ଼ିନାହାନ୍ତି। ଏହାଛଡ଼ା ବର୍ଷ ବର୍ଷ ଧରି ଗୋଟିଏ ପଦବୀରେ ଥିବା ଆଉ କେତେଜଣ ଅଧିକାରୀଙ୍କ ବଦଳି ହେଉନାହିଁ। ଏପରି ଅଧିକାରୀମାନେ ଦୀର୍ଘବର୍ଷ ଧରି ଗୋଟିଏ ପଦବୀରେ ରହିବାରୁ ବିଭାଗରେ ମଧ୍ୟସ୍ଥ ବା ଦଲାଲଙ୍କ ହସ୍ତକ୍ଷେପ ବଢୁଥିବା ଅଭିଯୋଗ ହେଉଛି। ମଧ୍ୟସ୍ଥଙ୍କ କବଳରେ ପଡ଼ି ହଇରାଣ ହରକତ ହୋଇଥିବା କେତେଜଣ ଲୋକ ଏ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ପ୍ରମୁଖ ସଚିବ ରାଜସ୍ୱ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଡିଜି ଭିଜିଲାନ୍ସ, ଆର୍‌ଡିସିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଏ କ୍ଷେତ୍ରରେ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ଅଭିଯୋଗକାରୀମାନଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲାର ଅର୍ଥନୀତି ସମୃଦ୍ଧ ହେଉଛି। ଜିଲାରେ ନୂଆ ଖଣିଖାଦାନ, କଳକାରଖାନା ଗଢ଼ିଉଠୁଛି। ଏହାକୁ ନେଇ ଜମି ମାଫିଆ ଏବଂ ମଧ୍ୟସ୍ଥମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଫଳରେ ବିଭିନ୍ନ କାର୍ଯ୍ୟରେ ବେଆଇନ ଅର୍ଥ କାରବାର, ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତି କରାଯାଉଛି। ଫଳରେ ଏପରି ଏକ ଧନୀ ଜିଲାରେ ରହିବାର ମୋହମାୟା କେତେଜଣ ଅଧିକାରୀଙ୍କୁ କବଳିତ କରିରଖିଛି। ତେଣୁ ବଦଳି ହେଲେ ମଧ୍ୟ ଏହି ଅଧିକାରୀମାନେ ଅନୁଗୋଳରୁ ବିଦା ହେବାକୁ ମନ ବଳାଉ ନାହାନ୍ତି। କିଏ ରାଜନୈତିକ ଚାପ ତ ଆଉ କିଏ ମଧ୍ୟସ୍ଥଙ୍କ ସହଯୋଗରେ ଅର୍ଥବଳରେ ବଦଳି ଆଦେଶକୁ କାର୍ଯ୍ୟକାରୀ କରାଇଦେଉ ନାହାନ୍ତି। ଏପରି ଅଧିକାରୀମାନେ ଯେଉଁ ବିଭାଗ ଦାୟିତ୍ୱରେ ଅଛନ୍ତି, ସେଠାରେ ମଧ୍ୟସ୍ଥମାନଙ୍କ ପ୍ରଭାବ ଆପେ ଅପେ ବଢ଼ିଯାଉଛି। ଏହାର ସୁଯୋଗ ନେଇ ମଧ୍ୟସ୍ଥମାନେ ତଳିଆ କର୍ମଚାରୀମାନଙ୍କୁ ଅଧିକାରୀଙ୍କ ଭୟ ଦେଖାଇ ନିଜକୁ ସୁହାଇଲା ଭଳି ବିଭିନ୍ନ କାର୍ଯ୍ୟ କରାଇ ନେଉଛନ୍ତି। ଏହାଛଡ଼ା କିଏ ଖଣି ଖାଦାନ ଦ୍ୱାରା ବିସ୍ଥାପିତ ଲୋକଙ୍କ ଠାରୁ ଟଙ୍କା ଆଦାୟ କଲେଣି ତ ଆଉ କିଏ ସରକାରୀ କାର୍ଯ୍ୟାଳୟରେ ବିନା ଟେଣ୍ଡରରେ ନିଜ ଗାଡ଼ି ସବୁ ଲଗାଇ ଭଡ଼ା ବାବଦରେ ଲକ୍ଷାଧିକ ଟଙ୍କା ଆୟ କରୁଥିବା ଭଳି କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି। ଏପରି ଘଟଣାସବୁ ନେଇ ମାଗୁଣି ଦେହୁରୀ ଏବଂ ଅନ୍ୟମାନଙ୍କ ଅଭିଯୋଗର ତଦନ୍ତ ପାଇଁ ଆର୍‌ଡିସି ନର୍ଦର୍ନ ଡିଭିଜନ ସମ୍ବଲପୁର ଚିଠି ନମ୍ବର ୦୧/୨୦୨୪-୧୧୭୪୭, ୧୮।୧୦।୨୦୨୪ରେ ଅନୁଗୋଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସତ୍ୟଜିତ ପ୍ରଧାନ ଓ ଅନ୍ୟମାନଙ୍କ ଅଭିଯୋଗ ଆଧାରରେ ଜେନେରାଲ ଆଡମିନିଷ୍ଟ୍ରେଶନ ଭିଜିଲାନ୍ସ ବିଭାଗ କଟକ, ଚିଠି ନମ୍ବର- ୧୦୮୦୯, ୨୫।୦୬।୨୦୨୪ରେ ଅନୁଗୋଳ ଜିଲାପାଳଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଜୟ ସାହୁ ଏବଂ ଅନ୍ୟମାନଙ୍କ ଅଭିଯୋଗକୁ ଭିତ୍ତିକରି ଆର୍‌ଡିସି ନର୍ଦର୍ନ ଡିଭିଜନ ଚିଠି ନମ୍ବର ୧୨୬୩୭, ୧୩।୧୧।୨୦୨୪ରେ ତଦନ୍ତ ରିପୋର୍ଟ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର କହିଛନ୍ତି, କେହି ବି କାହା ବିଷୟରେ ଅଭିଯୋଗ ଆଣିପାରିବେ। ପ୍ରମାଣ ସେମିତି କିଛି ନାହିଁ। ଉପରୁ ଆସିଥିବା ନିର୍ଦ୍ଦେଶ ପାଳନ କରାଯାଇଛି। ଯେଉଁ ଅଧିକାରୀମାନଙ୍କ ବଦଳି ହୋଇଛି, ସେମାନଙ୍କ ପରିବର୍ତ୍ତେ କୌଣସି ଅଧିକାରୀ ନ ଆସିବା ଯାଏ ତାଙ୍କୁ ରିଲିଭ କରିବା ସମ୍ଭବ ହେଉନାହିଁ। କାରଣ ସେମାନେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଅଛନ୍ତି। ରିଲିଭର ଆସିଗଲେ ସେମାନଙ୍କୁ ଛାଡ଼ିଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ଏନ୍‌ଟିପିସି ପକ୍ଷରୁ ରାଜ୍ୟସ୍ତରୀୟ ମୋକ୍ ଏକ୍ସରସାଇଜ



ଏନ୍‌ଟିପିସି ତାଳଚେର କଣିହାଁ ପକ୍ଷରୁ ରାଜ୍ୟସ୍ତରୀୟ ମୋକ୍ ଏକ୍ସରସାଇଜ କରାଯାଉଛି।

ତାଳଚେର,୧।୩ (ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର କଣିହାଁ ପକ୍ଷରୁ ଓଡ଼ିଶା ସରକାରଙ୍କ ଏନ୍‌ଡିଏମ୍‌ଏ ଓ ଏନ୍‌ଡିଆର୍‌ଏଫ ସହଯୋଗରେ ରାସାୟନିକ ବିପର୍ଯ୍ୟୟ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ମୋକ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଜ ୨ର ଡିଏମ୍ ପ୍ଲାଣ୍ଟ ଏରିଆ ଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୨୫ ଏମ୍‌ଟି କ୍ଷମତା ବିଶିଷ୍ଟ ଷ୍ଟୋରେଜ ଟ୍ୟାଙ୍କ ମଧ୍ୟରୁ ଏକ ହାଇଡ୍ରୋକ୍ଲୋରିକ ଏସିଡ ଲିକ ଦୃଶ୍ୟକୁ ଅନୁକରଣ କରାଯାଇଥିଲା। ବିଭିନ୍ନ ସଙ୍ଗଠନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ପୋଲିସ, ମେଡିକାଲ ଏବଂ ଅଗ୍ନିଶମ ବିଭାଗ, ଏନ୍‌ଡିଆରଏଫ ଏବଂ ଅନ୍ୟାନ୍ୟ ପାରସ୍ପରିକ ସହାୟତା ସହଭାଗୀଙ୍କ ସହଯୋଗରେ ଏହି ମୋକ ଏକ୍ସରସାଇଜ କରାଯାଇଥିଲା। କଣିହାଁ ତହସିଲଦାର ଚିନ୍ମୟ ଦାସ କମାଣ୍ଡର ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟବେକ୍ଷକ ଭାବେ (ଫ୍ୟାକ୍ଟ୍ରି ଏବଂ ବଏଲର) ଅନୁଗୋଳ ଉପ ନିର୍ଦ୍ଦେଶକ ଡ. ରମେଶ କୁମାର ବେହେରା ଏବଂ ଆର.ଓ (ଏସ୍‌ପିସିବି) ରମେଶ କୁମାର ଏକ୍କା ଉପସ୍ଥିତ ଥିଲେ। ପରେ ଏକ ସଂକ୍ଷିପ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କର୍ମଶାଳା ଉପରେ ସେମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ମତାମତ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ସଦସ୍ୟ (ଯୋଜନା) ଏ. ବାଲାନ, ଏନ୍‌ଟିପିସି ତାଳଚେର କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ. ସେହଗଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୁରକ୍ଷା) କର୍ପୋରେଟ ସେଣ୍ଟର (ସିସି) ବିଜୟ ଗୋଏଲ, ମେଜର ଜେନେରାଲ ଏ.କେ. ବର୍ମା, ଏନ୍‌ଡିଏମ୍‌ଏ ସଂଯୋଜକ ଚିନ୍ମୟ ଦାସ, ତହସିଲଦାର (କଣିହାଁ), ଡିଡି (ଏଫ ଏଣ୍ଡ ବି) ଅନୁଗୋଳ, ଡ. ଆର.କେ ବେହେରା, ଆରଓ (ଏସ୍‌ପିସିବି) ଆର.କେ ଏକ୍କା ଏବଂ ଡକ୍ଟର ନବୀନ କୁମାର, (ଏନଡିଆରଏଫ) ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ମୁଖ୍ୟ ସେହଗଲ ଧନ୍ୟବାଦ ଜଣାଇଥିଲେ ।

# ଆନ୍ଦୋଳନ ପାଇଁ ସଚେତନ ନାଗରିକ ମଞ୍ଚର ପ୍ରସ୍ତୁତି

ତାଳଚେର,୧।୩(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରଠାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗରେ ଦିନକୁ ଦିନ ରାଜନୀତି ହେଉଥିବା ଅନୁଭବ ହେଉଛି ବୋଲି ପୂର୍ବତନ ଏମ୍‌ପି ମହେଶ ସାହୁ ଅଭିଯୋଗ କରିଛନ୍ତି। ଏଥିସହ ତାଳଚେରରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ସାହୁ ପ୍ରକାଶ କରିଛନ୍ତି। ସାହୁ କହିଛନ୍ତି, ତାଳଚେରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଏମ୍‌ସିଏଲ୍‌ର ତଥ୍ୟ କହୁଛି। କିନ୍ତୁ କୋଠା ନିର୍ମାଣକୁ ୮/୯ବର୍ଷ ବିତିବାକୁ ବସିଥିଲେ ମଧ୍ୟ ମେଡିକାଲ କଲେଜ ପ୍ରତିଷ୍ଠା କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସରାଙ୍ଗ ଠାରେ ଇଞ୍ଜିନିୟରିଂ କଲେଜ ତାଳଚେର ନାମରେ ଏମ୍‌ସିଏଲ ପକ୍ଷରୁ ନିର୍ମାଣ କରାଯାଇଥିଲା। ହେଲେ ସତ କ'ଣ ହେଲା ତାହା ସମସ୍ତଙ୍କୁ ଜଣା। ଏହି ଶିକ୍ଷାନୁଷ୍ଠାନ ତାଳଚେର ଉପଖଣ୍ଡ କି ଜିଲାରେ ମଧ୍ୟ ରହିଲା ନାହିଁ। ରାଜ୍ୟରେ ସରକାର ବଦଳିଲା ପରେ ଏବେ ବି ତାଳଚେର ଠାରେ ଏହି କଲେଜ ପ୍ରତିଷ୍ଠା ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ତାଳଚେରବାସୀଙ୍କୁ ପୁଣି ଚକ୍ରାନ୍ତର ଶିକାର ହେବାକୁ ପଡିବ ନାହିଁ ତ ବୋଲି କୁହାଯାଉଛି। ତେଣୁ ତୁରନ୍ତ ତାଳଚେରରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ସଚେତନ ନାଗରିକ ମଞ୍ଚ ଜରିଆରେ ଆନ୍ଦୋଳନ କରାଯିବ। ଆସନ୍ତା ୩ ତାରିଖରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ୨ଘଣ୍ଟିଆ ଧାରଣା ଦିଆଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପୂର୍ବତନ ଏମ୍‌ପି ସାହୁ ପ୍ରକାଶ କରିଛନ୍ତି।

# ସମସ୍ୟା ନେଇ ଯୋଗାଣମନ୍ତ୍ରୀଙ୍କୁ ଦାବିପତ୍ର



ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବଇଣ୍ଡା, ୧।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମରେ ଶନିବାର ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅଞ୍ଚଳବାସୀ ଓ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ କିଭଳି ବିକାଶ ହୋଇପାରିବ ସେ ନେଇ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ମନ୍ତ୍ରୀ ପାତ୍ର ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ବଇଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ଲୁହାମୁଣ୍ଡାଠାରେ ମଣ୍ଡଳ ସଭାପତି ହେମନ୍ତ କୁମାର ବିଶ୍ୱାଳ, ଲୁହାମୁଣ୍ଡା ପଞ୍ଚାୟତ ସଭାପତି ଗୋବିନ୍ଦଚନ୍ଦ୍ର ରାଉଳ, ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ସଞ୍ଜୀବ କୁମାର ସାହୁ, ସଦାନନ୍ଦ ସାହୁ, ମନୋରଞ୍ଜନ ସାହୁ, ଧର୍ମେନ୍ଦ୍ର ପ୍ରଧାନ, ନେଙ୍କୁରି ରାଉଳ, ଦୀପ୍ତିରଞ୍ଜନ ପ୍ରଧାନ, ଶ୍ରବଣ କୁମାର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, ଅମର ନାଥ ଦେହୁରୀଙ୍କ ସମେତ ବହୁ ଭାଜପାକର୍ମୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବଇଣ୍ଡାରେ ମଧ୍ୟ ଭାଜପା ପକ୍ଷରୁ ଯୋଗାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାଜପା ନେତା ରାଜେନ୍ଦ୍ର ସାହୁ, ଅରବିନ୍ଦ ସାହୁ, ମାନସ ରଞ୍ଜନ ସାହୁ, ଅମିୟ ମିଶ୍ର, ପ୍ରସନ୍ନ ସାହୁ, ରମେଶ ବେହେରା ଅରକ୍ଷିତ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଜିଲା ଭାଜପାର ସାଙ୍ଗଠନିକ ବୈଠକ




ଭାଜପା ଜିଲା ସାଙ୍ଗଠନିକ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

ଅନୁଗୋଳ,୧।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ନୂତନ ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରଥମ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପାର ସାଙ୍ଗଠନିକ ପର୍ବ ଚାଲୁ ରହିଥିବା ବେଳେ ଜିଲାରେ ବାକି ଥିବା ସମସ୍ତ ବୁଥ୍‌ରେ ସଭାପତି ଓ ମଣ୍ଡଳ ସଭାପତିଙ୍କୁ ମନୋନୀତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ତମାମ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଉପ ସଭାପତି ନୃସିଂହ ବରାଳ ଓ ଚୌଧୁରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ଏବଂ ପ୍ରକାଶ ମହାରଣା ପ୍ରମୁଖ ମଞ୍ଚାସୀନ ରହି ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ। ବୈଠକରେ ସମସ୍ତ ମଣ୍ଡଳ ସଭାପତି, ଜିଲା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ବିଜ୍ଞାନ ମନସ୍କ ହୁଅନ୍ତୁ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଅନୁଗୋଳ,୧।୩(ମାନସ ବିଶ୍ୱାଳ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବୈଜ୍ଞାନିକ ଜିତେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ବିଜ୍ଞାନ ମନସ୍କ ହୋଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧନାଥ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ, ପରିଚାଳନା ସମିତି ସଦସ୍ୟ ବୁଲୁ ବେହେରା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସଂଗ୍ରାମ କେଶରୀ ଗଡ଼ନାୟକ ଧନ୍ୟବାଦ ଦେଇଥିଲେ।

# ଯୁଗ୍ମ ଅଧିକାରୀ କଲେ ତଦନ୍ତ

**ପୋକତୁଙ୍ଗା ସେବା ସମବାୟ ସମିତି ଦୁର୍ନୀତି ଘଟଣା**

ବନ୍ତଳା,୧।୩ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ପ୍ରାଥମିକ ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗର ଶନିବାର ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିବନ୍ଧକଙ୍କ ଚିଠି ନମ୍ବର ୧୪୧/୨୫।୨।୨୫ ଅନୁଯାୟୀ ସହକାରୀ ନିବନ୍ଧକ କାର୍ଯ୍ୟାଳୟର ଏସ୍‌ଏଆର୍‌ସିଏସ୍ ପ୍ରଶାନ୍ତ ରାଉତ ଓ ଏସ୍‌ଏଆର୍‌ସିଏସ କୀର୍ତ୍ତନ ଚନ୍ଦ୍ର ପାତ୍ର ସମିତି କାର୍ଯ୍ୟାଳୟରେ ପହଞ୍ଚି ଏହି ତଦନ୍ତ କରିଥିଲେ। ଦୁଇ ଅଧିକାରୀ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ତଦନ୍ତ ଚଳାଇଥିଲେ। ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ୭ ଜଣ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ ଜଣ ଉପସ୍ଥିତ ଥିବା ବେଳେ ଜଣେ ପାରିବାରିକ କାରଣରୁ ଅନୁପସ୍ଥିତ ଥିଲେ। ସୁପର ଭାଇଜର ତଥା ସମ୍ପାଦକ ତନ୍ମୟ ମାଝୀ ଓ ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ରବି ନାରାୟଣ ସାହୁଙ୍କ ଉପସ୍ଥିତିରେ ୨୦ ଅଭିଯୋଗ ଉପରେ ତଦନ୍ତ କରାଯାଇଥିଲେ ମଧ୍ୟ ସମିତି ସମ୍ପାଦକ ଗୋଟିଏ ବିଷୟରେ ମଧ୍ୟ ଠିକ୍ ରିପୋର୍ଟ ଦେଇପାରି ନ ଥିଲେ। ଫଳରେ ତଦନ୍ତକାରୀ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ପୋକତୁଙ୍ଗା ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯାଉଛି।

# ମାର୍ଚ୍ଚ ୨୨ରୁ ପାଲଲହଡ଼ା ମହୋତ୍ସବ

ପାଲଲହଡ଼ା,୧।୩ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପାଲଲହଡ଼ା ଉପଜିଲାପାଳଙ୍କ ବୈଠକ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। ଚଳିତବର୍ଷ ମାର୍ଚ୍ଚ ୨୨ ରୁ ୨୪ ତାରିଖ ୩ ଦିନ ଧରି ମହୋତ୍ସବ ପାଳନ କରାଯିବ ବୋଲି ମହୋତ୍ସବ ପାଳନ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲ। ଗଠନ କରାଯାଇଥିବା ବିଭିନ୍ନ ଉପକମିଟିର ସଭାପତିମାନେ ନିଜ ନିଜ କମିଟି ସଦସ୍ୟଙ୍କ ସହିତ ବୈଠକ କରି ମହୋତ୍ସବର କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଧାୟକ ଉପଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ବିଡିଓ ନିଶାନ ମିଶ୍ର, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ସହିତ ବିଭିନ୍ନ ପଦାଧିକାରୀ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ଓ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

# ଲକ୍ଷାଧିକ ଟଙ୍କାର ଗହଣା ଠକେଇ

ବନ୍ତଳା,୧।୩ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ମାଟିଆସାହି ପଞ୍ଚାୟତ ପୁରୁଣାଗଡ଼ ବଡ଼ଦାଣ୍ଡସାହିର କେତେଜଣ ମହିଳା ଠକେଇର ଶିକାର ହୋଇଥିବା ବନ୍ତଳା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ୨ଜଣ ଅପରିଚିତ ମହିଳା ସାହିରେ ପହଞ୍ଚି ପୁରୁଣା ସୁନା ଓ ରୁପା ଅଳଙ୍କାର ଡିଜାଇନ ଦେଖାଇବା ପାଇଁ ସ୍ଥାନୀୟ କେତେଜଣ ମହିଳାଙ୍କୁ କହିଥିଲେ। ଉକ୍ତ ଗହଣା ଡିଜାଇନର ଫଟୋ ଅନୁଗୋଳରେ ଉଠାଯାଇ ବିଦେଶକୁ ପଠାଗଲେ ଫଟୋ ବାବଦ ଟଙ୍କା ସମ୍ପୃକ୍ତ ଗହଣା ମାଲିକଙ୍କୁ ଦିଆଯିବ ବୋଲି ଲୋଭ ଦେଖାଇଥିଲେ। ବିଶ୍ୱାସରେ କେତେଜଣ ମହିଳା କିଛି ରୁପା ଅଳଙ୍କାର ଦେଇଥିଲେ। ୨ ମହିଳା ନେଇଥିବା ରୁପା ଅଳଙ୍କାର ପରେ ଫେରାଇ ଦେବା ସହ ପ୍ରତ୍ୟେକଙ୍କୁ ୨୦୦/୩୦୦ ଟଙ୍କା ସହ କିଛି ବାସନ ସାମଗ୍ରୀ ଦେଇଥିଲେ। ଏହାଦେଖି ଅନ୍ୟ ମହିଳାମାନେ ଲୋଭରେ ସୁନା ଅଳଙ୍କାର ଫଟୋ ଉଠାଇବାକୁ ଦେଇଥିଲେ। ଏହାପରେ ୨ ଅପରିଚିତ ମହିଳା ଗହଣାତକ ଧରି ଚମ୍ପଟ ମାରିଥିଲେ।

# ନିତାଇଗୌର ଆଶ୍ରମର ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀ ପାଳନ ଅବସରରେ ହିନ୍ଦୁଧର୍ମ ସଭା ଓ ସନ୍ଥ ସମ୍ମିଳନୀ।

ପବିତ୍ରନଗର,୧।୩(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଗହମସ୍ଥିତ ନିତାଇଗୌର ଆଶ୍ରମର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ହିନ୍ଦୁଧର୍ମ ସଭା ଓ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୧ ଦିନ ଧରି ଚାଲିଥିବା ଏହି ରୌପ୍ୟଜୟନ୍ତୀର ବିଭିନ୍ନ ଦିବସରେ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ସପ୍ତାହେ ଧରି ଅନୁଷ୍ଠିତ ହୋଇଥିବା ଶ୍ରୀମଦ୍ ଭାଗବତର ଶେଷ ୩ ଦିନରେ ଚବିଶି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅଧିବାସ ହୋଇଥିବାବେଳେ ଶୁକ୍ରବାର ଶେଷ ନଗର କୀର୍ତ୍ତନରେ ଶିଳିଂ, ପରାବିଲ ଓ ଗହମ ଗ୍ରାମ ପରିକ୍ରମା କରାଯାଇଥିଲା। ରୌପ୍ୟଜୟନ୍ତୀ ମହୋତ୍ସବର ଶେଷ ଦିବସରେ ଏକ ବିଶାଳ ହିନ୍ଦୁ ଧର୍ମସଭା ଓ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବହୁ ସାଧୁସନ୍ଥ ଯୋଗଦେଇ ଆଧ୍ୟାତ୍ମିକ ଜୀବନୀ ଓ ହିନ୍ଦୁଧର୍ମର ମହାନତା ଏବଂ ସୁରକ୍ଷା ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା। ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ନିର୍ବାଚିତ ପ୍ରତିନିଧି ଯୋଗଦେଲେଥିଲେ। ଆଶ୍ରମ ମୁଖ୍ୟ ବାବାଜୀ ପ୍ରଭୁପାଦ ଦାସ, ଆଶ୍ରମ ସଦସ୍ୟ ଓ ଗହମ ତଥା ଆଖପାଖ ଅଞ୍ଚଳର ବହୁ ଭକ୍ତବୃନ୍ଦଙ୍କ ସହଯୋଗ କରିଥିଲେ।

# ଅନୁଗୋଳ ଜିଲାରେ ବଢୁଛି ଧାନ ଉତ୍ପାଦନ

**ସଚେତନତା, ସହାୟତା ଚାଷୀଙ୍କୁ ଦେଉଛି ଅଧିକ ରୋଜଗାର**

ଅନୁଗୋଳ,୧।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ଧାନ ଚାଷ ପାଇଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। କିଛିବର୍ଷ ହେଲା ଅନ୍ୟ ଫସଲ ଅପେକ୍ଷା ଚାଷୀମାନେ ଧାନଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ପାଣିପାଗ ଭଲ ରହିବା କାରଣରୁ ଧାନ ଅମଳ ମଧ୍ୟ ବୃଦ୍ଧି ପାଉଛି। ସରକାରୀ ସହାୟତା, ଆଧୁନିକ ପ୍ରଣାଳୀରେ ଚାଷ ହେବା ସହ ଜଳସେଚନ ବ୍ୟବସ୍ଥା କାରଣରୁ ଚାଷୀ ଅଧିକ ଅମଳ କରିବା ସହ ଭଲ ରୋଜଗାର କରିପାରୁଛି। ଜିଲାରେ ୫ ବର୍ଷ ଭିତରେ ଧାନ ଉତ୍ପାଦନ ୨ ଗୁଣ ବଢ଼ିଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

କୃଷି ବିଭାଗର ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ଅନୁଗୋଳ ଜିଲାରେ ସମୁଦାୟ ୧,୫୫,୧୫୦ ଏକର ଜମିରେ ଧାନ ଚାଷ ହୋଇଥିଲା ବେଳେ ୨୯୨.୨୭ ହଜାର ମେଟ୍ରିକ ଟନ୍ ଧାନ ଉତ୍ପାଦନ ହୋଇଥିଲା। ୨୦୨୦-୨୧ରେ ୧,୫୩,୬୨୫ ଏକର ଜମିରେ ଧାନ ଚାଷ କରାଯାଇ ୨୯୪.୪୪ ହଜାର ମେଟ୍ରିକ ଟନ୍ ଧାନ ଉତ୍ପାଦନ କରାଯାଇଥିଲା। ୨୦୨୧-୨୨ରେ ୧,୭୦,୬୨୫ ଏକରରେ ଚାଷ ହୋଇ ୨୩୪.୫୩ ହଜାର ମେଟ୍ରିକ ଟନ୍ ଧାନ ଉତ୍ପାଦନ ହୋଇଥିଲା। ୨୦୨୨-୨୩ରେ ୨,୯୭,୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇ ୬୦୮.୫୫ ହଜାର ମେଟ୍ରିକ ଟନ୍ ଧାନ ଉତ୍ପାଦନ କରାଯାଇଥିଲା। ୨୦୨୩-୨୪ ବର୍ଷରେ ୨,୯୨,୫୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା ବେଳେ ୬୦୧.୧୩ ହଜାର ମେଟ୍ରିକ୍ ଟନ ଧାନ ଉତ୍ପାଦନ ହୋଇଛି। ଗତ ୨ ବର୍ଷ ହେଲା ଚାଷୀମାନେ ଧାନ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଇଥିବାରୁ ଅମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ତେଣୁ ଜିଲାରେ ଧାନ ଉତ୍ପାଦନ ବଢୁଥିବାରୁ ଚଳିତ ବର୍ଷ ୧୪ ଲକ୍ଷ ୨୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବା ଜିଲା କୃଷି ଓ ଯୋଗାଣ ବିଭାଗ ରିପୋର୍ଟ୍‌ରୁ ଜଣାପଡ଼ିଛି। ଏପର୍ଯ୍ୟନ୍ତ ୧୨ଲକ୍ଷ ୨୩ ହଜାର କୁଇଣ୍ଟାଲ ଧାନ କିଣା ସରିଥିବା ବେଳେ ମାର୍ଚ୍ଚ ୩୧ ସୁଦ୍ଧା ଟାର୍ଗେଟ୍ ପୂରଣ ହୋଇଯିବ ବୋଲି ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ ପ୍ରକାଶ କରିଛନ୍ତି। ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର କହିଛନ୍ତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେବା ପରେ ଚାଷୀମାନେ ଧାନଚାଷ ପାଇଁ ଆଗ୍ରହୀ ଅଛନ୍ତି। ଯେଉଁ ଜମିରେ ରବି ଚାଷ ସମୟରେ ଅଣଧାନ ଚାଷ କରାଯାଉଥିଲା ସେଥିରେ ଧାନ ଚାଷ ହେଉଛି। ଏବେ ଚାଷୀ ଆଧୁନିକ ଜ୍ଞାନକୌଶଳ ସହ ହାଇବ୍ରିଡ ବିହନ, ରାସାୟନିକ ସାର ବ୍ୟବହାର, ନୂଆ କିସମର ଧାନ ବିହନ, କୀଟନାଶକ ଔଷଧର ବ୍ୟବହାର କରୁଛି। ଭଲ ଅମଳକ୍ଷମ ଧାନ ଚାଷ ପ୍ରତି ଚାଷୀମାନେ ସଚେତନ ରହିବାରୁ ଜିଲାରେ ଉତ୍ପାଦନ ବୃଦ୍ଧି ପାଇଥିବା ଜିଲା କୃଷି ଅଧିକାରୀ ପ୍ରକାଶ କରିଛନ୍ତି।



# ଶଯ୍ୟାଶାୟୀ ବୃଦ୍ଧଙ୍କୁ ହତ୍ୟା, କେୟାରଟେକର ଯୁବକ ଅଟକ

ଢେଙ୍କାନାଳ,୧୩(ରତନ ନାୟାର)

ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ଜଣେ ଶଯ୍ୟାଶାୟୀ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗରେ କେୟାରଟେକର ଯୁବକ ଦୀପକ କୁମାର ବିଶ୍ୱାଳଙ୍କୁ ପୋଲିସ ଅଟକ ରଖି ଶନିବାର ପଚରାଉଚରା ଜାରିରଖିଛି । ଘଟଣାରୁ ଜଣାପଡିଛି ଯେ, ମୋଟଙ୍ଗା ଥାନା ପୋଡାପଡା ଗ୍ରାମରେ ସୁନିଲ କୁମାର ରାଉତ ନାମକ ଜଣେ ବ୍ୟକ୍ତି ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ଭଡ଼ାରେ ରହୁଥିଲେ । ତାଙ୍କ ସହିତ ତାଙ୍କର ବାପା ଗିରିଶ କୁମାର ରାଉତ(୭୫) ମଧ୍ୟ ରହୁଥିଲେ। ବାପା ଗିରିଶ ଆଜକୁ ୬ବର୍ଷ ଅସୁସ୍ଥ ହୋଇ ଶଯ୍ୟାଶାୟୀ । ତେଣୁ ତାଙ୍କର ଦେଖାରେଖା ପାଇଁ ସୁନିଲ ନିଜ ଘରେ ଦୀପକଙ୍କୁ କେୟାରଟେକର ଭାବେ ରଖିଥିଲେ । ବାପା ଗିରିଶଙ୍କ ସହ ଦୀପକ ଗୋଟିଏ ରୁମରେ ରୁହନ୍ତି । ଶୁକ୍ରବାର ସୁନିଲ ନିଜ ପତ୍ନୀଙ୍କ ସହ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିବା ବେଳେ ତାଙ୍କ ବାପା ଓ କେୟାରଟେକର ଘରେ ରହିଥିଲେ । ରାତି ପ୍ରାୟ ୧୦ଟା ୪୫ ସମୟରେ ଗିରିଶ ତଳେପଡି ମୁଣ୍ଡ ଫାଟି ଯାଇଥିବା ବୋଲି କହି ସାହି ପଡିଶାଙ୍କୁ ଦୀପକ ଡାକିଥିଲେ । ଏହାପରେ ସାହି ପଡିଶାର କିଛି ଯୁବକ ଓ ଦୀପକ ମିଶି ଗିରିଶଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ସୁନିଲ ଘରକୁ ଫେରି ସମସ୍ତ ବିଷୟ ଜାଣିବା ପରେ ତାଙ୍କ ବାପାଙ୍କ ବେକରେ ଏକ ଲୁଗାରେ ଖୁବ ଜୋରରେ ଚାପି ଦିଆଯାଇଥିବା ଜାଣି ତାଙ୍କ ବାପାଙ୍କୁ କେହି ହତ୍ୟା କରିଛନ୍ତି ବୋଲି ଟାଉନ ଥାନାରେ ବିଳମ୍ବିତ ରାତିରେ ଏକ ଅଭିଯୋଗ କରିଥିଲେ । ଯେହେତୁ ଗିରିଶଙ୍କର ହାତଗୋଡ ଚାଲୁନଥିଲା, ତାଙ୍କ ବେକରେ କେହିଜଣେ ଲୁଗା ଗୁଡାଇ ଚାପି ଦେଇଥିବା କିମ୍ବା ଶ୍ୱାସରୁଦ୍ଧ କରିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ ତଦନ୍ତରୁ ଜାଣିବାକୁ ପାଇଛି । ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ-୧୧୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

# ଡିଗ୍ରୀ କଲେଜ ପ୍ରିନ୍ସିପାଲଙ୍କ ଆଇଆଇଏମ୍‌ସି ପରିଦର୍ଶନ



ବିଭିନ୍ନ ଡିଗ୍ରୀ କଲେଜ ପ୍ରିନ୍ସିପାଲମାନେ ଆଇଆଇଏମ୍‌ସି ପରିଦର୍ଶନରେ ଆସିଛନ୍ତି।

## ଓଡ଼ିଆ ସାମ୍ବାଦିକତା ପାଇଁ ସଚେତନତା ପ୍ରସ୍ତାବ

ଢେଙ୍କାନାଳ,୧୩(ରତନ ନାୟାର)

ବିଭିନ୍ନ ଡ଼ିଗ୍ରୀ କଲେଜର ଅଧ୍ୟକ୍ଷମାନେ ଶନିବାର ସନ୍ଧ୍ୟାରେ ଢେଙ୍କାନାଳ ଭାରତୀୟ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିଦର୍ଶନ କରି ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନଙ୍କ ସହ ଓଡ଼ିଆ ସାମ୍ବାଦିକତାର କ୍ୟାରିୟର ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରାଜୁଏସନ ପରେ ଓଡ଼ିଆ ସାମ୍ବାଦିକତାରେ ପାଠପଢିବା ପାଇଁ ଓ କ୍ୟାରିୟର କରିବା ପାଇଁ ସଂସ୍ଥାନ ତରଫରୁ ସଚେତନତା କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଡ଼ିଗ୍ରୀ କଲେଜର କ୍ୟାରିୟର କାଉନସେଲିଂ ସେଲ ଓ ଆଇଆଇଏମ୍‌ସି ସହାୟତାରେ କଲେଜ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ପରାମର୍ଶ ଦେଇଥିଲେ । ଏହି କୋର୍ସରେ ପ୍ରବେଶ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଏଣ୍ଟ୍ରାନ୍ସ ଓ ଇଣ୍ଟରଭିୟୁ ଦେବାକୁ ହେବ। ଏଠାରେ ଛାତ୍ରୀଛାତ୍ର ପାଇଁ ହଷ୍ଟେଲ, ଲାଇବ୍ରେରୀ, କମ୍ପ୍ୟୁଟର ଲାବ୍ ଆଦି ସୁବିଧା ରହିଛି କହିବା ସହ ଚାକିରୀ ପାଇଁ ଓଡିଶାରେ ଟିଭି ଚ୍ୟାନେଲ, ଖବର କାଗଜ, ଜନ ସମ୍ପର୍କ, କମ୍ପାନୀ ଓ ସୋସିଆଲ ମେଡ଼ିଆ ଆଦିରେ ଚାକିରି ସୁବିଧା ଅଛି ବୋଲି ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଉପସ୍ଥାପନା କରିଥିଲେ। ଓଡ଼ିଆ ସାମ୍ବାଦିକତାର ଛାତ୍ରୀଛାତ୍ରମାନଙ୍କୁ ପଢ଼ାଇବା ପାଇଁ ଅଲଗା ଅଲଗା ପ୍ରଫେସର ରହିଛନ୍ତି । ଓଡ଼ିଆ ସାମ୍ବାଦିକତା ପାଇଁ ସରକାରଙ୍କ ପକ୍ଷରୁ ୩୦ଟି ସିଟ୍ ରହିଛି। ଅନଲାଇନ ଓ ଅଫ୍ ଲାଇନରେ ଫର୍ମ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ମିଳିବ । ଓଡିଶାର ଢେଙ୍କାନାଳ, ସମ୍ବଲପୁର, ବାଲେଶ୍ୱର ଆଦି ସ୍ଥାନରେ ପ୍ରବେଶ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାଚକ୍ରରେ ବିରଞ୍ଚି ନାରାୟଣ ସେଠ୍, ଢେଙ୍କାନାଳ ସନ୍ଧ୍ୟା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର ସାହୁ, ପରିମାଳ ଡିଗ୍ରୀ କଲେଜ ପଣ୍ଡୁଆର ଚିତରଞ୍ଜନ ରାଉତରାୟ, ହିନ୍ଦୋଳ କଲେଜର ବରିଷ୍ଠ ଅଧ୍ୟାପକ ଦିଲ୍ଲୀପ କୁମାର ଗଡନାୟକ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ତାପସ କୁମାର ଜେନା, ଡ. ସୁଜାତା ସାହୁ, ଢେଙ୍କାନାଳ ସ୍ୱୟଂଶାସିତ କଲେଜ, ସିମିଳଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ବାରିକ ଓ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସହକାରୀ ପ୍ରଫେସର ଜି. ମହାପାତ୍ର, ଆଇଆଇଏମ୍‌ସି ଲାଇବ୍ରେରିଆନ ଶୁଭଙ୍କରୀ ଦାସ ଓ ଏକାଡେମିକ କୋର୍ଡିନେଟର ଜିତେନ୍ଦ୍ର ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ୩ଦିନ ଧରି ବିଦ୍ୟୁତ୍ କାଟକୁ ନେଇ ତାତିଲେ ଗ୍ରାମବାସୀ



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା

ଢେଙ୍କାନାଳ,୧୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସୋଗରପଶି ଗ୍ରାମରେ ୩ଦିନ ହେବ ବିଦ୍ୟୁତ କାଟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଏହାର ପ୍ରତିବାଦରେ ଶନିବାର ଗ୍ରାମବାସୀ ଢେଙ୍କାନାଳ କଲେଜ ବାଇପାସସ୍ଥିତ ବିଦ୍ୟୁତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଘେରାଉ କରିଥିଲେ । ପିଲାଙ୍କ ପରୀକ୍ଷା ସମୟରେ ୩ଦିନ ଧରି ବିଦ୍ୟୁତ କାଟ ହେବାରୁ ପାଠ ପଢାରେ ବ୍ୟାଘାତ ହେବା ସହିତ ସଞ୍ଜହେଲେ ହାତୀ ଉପଦ୍ରବ ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ବିଦ୍ୟୁତ ସଂଯୋଗ ପାଇଁ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ୬୦ହଜାର ଟଙ୍କା ଦେଇସାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ ଏହି ଘଟଣାକୁ ନେଇ କାର୍ଯ୍ୟାଳୟରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା । ଯେ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ନହେବ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମର ଲିଜାରାଣୀ ନାୟକ ଓ ସନ୍ତୋଷ ନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

## ନଟରାଜ ଅନୁଷ୍ଠାନ ପକ୍ଷରୁ ଶୋକ

**ଢେଙ୍କାନାଳ,୧୩(ରତନ ନାୟାର):** ବରିଷ୍ଠ ଚଳିଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ପରଲୋକରେ ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଗଭିର ଶୋକବ୍ୟକ୍ତ କରାଯାଇଛି। ସଭାପତି କୃଷ୍ଣକୁମାର ମିଶ୍ର, ମହାବୀର ପ୍ରସାଦ ତ୍ରିପାଠୀ, ପ୍ରୋତିମା ସିହ୍ନା, ସନ୍ତୁ ନାରାୟଣ କର, ମଧୁସୁଦନ ରାଉତ, ପ୍ରଣବାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଜିଲାସ୍ତରୀୟ ମେଗା ଋଣମେଳା



ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୧୩(ରତନ ନାୟାର)

ଢେଙ୍କାନାଳ ନାବାର୍ଡ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଜିଲାସ୍ତରୀୟ ମେଗା ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଜିଲା ଉନ୍ନୟନ ପ୍ରବନ୍ଧକ ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ମେଗା ଋଣ ମେଳାରେ ଅନୁଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଯୋଗଦେଇ ମୋଟ୍ ୨୦୦ଜଣ ହିତାଧିକାରୀଙ୍କୁ ୧୯.୪୦ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରର ଉପସାଧାରଣ ପ୍ରବନ୍ଧକ ଡ. ଏସ୍.ଆର ସାମନ୍ତରା ମୁଖ୍ୟ ଅତିଥି ଏବଂ ନାବାର୍ଡ ଜିଲା ଉନ୍ନୟନ ପ୍ରବନ୍ଧକ ଦେବାଶିଷ କୁଣ୍ଡୁ, ଅଗ୍ରଣୀ ଜିଲା ପ୍ରବନ୍ଧକ ସନ୍ଦୀପ ତ୍ରିପାଠୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ପ୍ରଭୁ ପ୍ରସାଦ ମିଶ୍ର, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଋଣ ବିଭାଗ ମୁଖ୍ୟ ଶିବ ସାଗର ଆଚାର୍ଯ୍ୟ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ୧.୪୦ କୋଟି, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ୧୧.୫୦ କୋଟି ଓ ଅନୁଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ୬.୫୦ କୋଟି ଟଙ୍କାର ଋଣ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ପାଳନ, ପଶୁପାଳନ, ଗୃହ ନିର୍ମାଣ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଓ ଲଘୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଢେଙ୍କାନାଳ ଜିଲା ଉନ୍ନୟନ ପ୍ରବନ୍ଧକ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ଚକଲଗା ଚୌକି ଦିବସ

ଢେଙ୍କାନାଳ,୧୩(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ସ୍ଥିତ ଜୀବନଜ୍ୟୋତି ବୌଦ୍ଧିକ ଓ ଶାରୀରିକ ଦିବ୍ୟାଙ୍ଗ ସଂସ୍ଥାନ ପରିସରରେ ଅନ୍ତର୍ଜାତୀୟ ଚକାଲଗା ଚୌକି ଦିବସ ଶନିବାର ପାଳିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ରୂପେ ଐରା ଅନୁଷ୍ଠାନର ପ୍ରତିନିଧି ପ୍ରଦ୍ୟୁମ୍ନ କୁମାର ପଣ୍ଡା, ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ, ଜୀବନ ଜ୍ୟୋତି ଭିନ୍ନକ୍ଷମ ଅନୁଷ୍ଠାନର ଅଧ୍ୟକ୍ଷ ଆରତୀ ପ୍ରଭା ସେନାପତି, ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଂକ୍ଷା ମାନସିଂହ ପ୍ରମୁଖ ଯୋଗଦାନ କରି ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ପାଇଁ ସରକାରଙ୍କ ଯୋଜନାରେ ପ୍ରଚଳିତ ସୁବିଧା ସୁଯୋଗ ସମ୍ପର୍କରେ ବୁଝାଇଥିଲେ । ଜୀବନ ଜ୍ୟୋତି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କର୍ମକର୍ତା, ଭିନ୍ନକ୍ଷମ ଭାଇ ଭଉଣୀ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ । ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ଦ୍ୱାରା ଚକଲଗା ଚୌକି ମାରାଥାନ, ଫ୍ୟାନ୍ସୀ ଡ୍ରେସ୍ ଓ ଗୀତ ପ୍ରତିଯୋଗିତା ହୋଇଥିଲା । ଶେଷରେ ୧୧୬ଜଣ ଭାଇଭଉଣୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୋଷାକ ବଣ୍ଟନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ପାଇଥିବା ରୁପାମୁଦ୍ରା ଫେରାଇଲେ ପୌର କର୍ମଚାରୀ



ଡା. ଜଗଦାନନ୍ଦ ତ୍ରିପାଠୀଙ୍କୁ ରୁପା କଏନଟିକୁ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୧୩(ରତନ ନାୟାର)

ହଜିଥିବା ଜଗନ୍ନାଥଙ୍କ ଚିତ୍ରଥିବା ରୁପା ମୁଦ୍ରାକୁ ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ଡାକ୍ତର ଜଗଦାନନ୍ଦ ତ୍ରିପାଠୀଙ୍କୁ ଫେରାଇ ମାଇକ୍ରୋ କମ୍ପୋଷ୍ଟ କର୍ମଚାରୀ ସଚ୍ଚିଦାନନ୍ଦ ବାରିକ ନିଜର ମାନବିକତାର ପରିଚୟ ଦେଇଛନ୍ତି । ପ୍ରକାଶ ଥାଉକି ଡାକ୍ତର ଜଗଦାନନ୍ଦ ତ୍ରିପାଠୀ ନିଜ ଘରେ ଜଗନ୍ନାଥଙ୍କ ଚିତ୍ରଥିବା କଏନକୁ ରଖି ପୂଜା କରୁଥିଲେ । କୌଣସି କାରଣବଶତଃ ଏହି ରୁପା କଏନଟି ଦୀର୍ଘ ୧ବର୍ଷ ତଳେ ହଜିଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ସେ ପାଇନଥିଲେ । କଏନଟି ପୌରସଂସ୍ଥାର ଗାଡ଼ିକୁ ଅଳିଆ ଦେବା ସମୟରେ ହଜି ଯାଇଥିବା ସନ୍ଦେହ କରି ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟାଳୟ ଓ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ମାଇକ୍ରୋ କମ୍ପୋଷ୍ଟ କର୍ମଚାରୀ ସଚ୍ଚିଦାନନ୍ଦ ବାରିକ ଦୀର୍ଘ ୧ବର୍ଷ ପରେ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟର ଅଳିଆରୁ ଏହି କଏନ୍‌ଟିକୁ ପାଇ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୌରସଂସ୍ଥା କର୍ତ୍ତୃପକ୍ଷ ଡାକ୍ତର ଜଗନ୍ନାଥ ତ୍ରିପାଠୀଙ୍କୁ ପୌରସଂସ୍ଥା କାର୍ଯ୍ୟାଳୟରେ କଏନଟିକୁ ସମ୍ମାନର ସହିତ ଶୁକ୍ରବାର ପ୍ରଦାନ କରାଯାଇଥିଲା । କଏନଟିକୁ ଫେରି ପାଇବା ପରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହିତ ଏହା ଜଗନ୍ନାଥଙ୍କ କୃପା ଏବଂ ପୌରସଂସ୍ଥା ଓ କର୍ମଚାରୀ ଧନ୍ୟବାଦର ପାତ୍ର ବୋଲି ଡାକ୍ତର ତ୍ରିପାଠୀ କହିଥିଲେ । ଏହି ଅବସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା, କାଉନସିଲର ଅଭିମନ୍ୟୁ ପଣ୍ଡା ଓ ମାଇକ୍ରୋ କମ୍ପୋଷ୍ଟ ଇନ୍‌ଚାର୍ଜ ଝରଣାବାଳା ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜ୍ଞାନ କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ



ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଢେଙ୍କାନାଳ,୧୩(ରତନ ନାୟାର)

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ପରିସରରେ ଜାତୀୟ ବିଜ୍ଞାନ ଦିବସ ଫେବୃଆରୀ ୨୨ ରୁ ୨୮ ରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ବିଭିନ୍ନ ବିଜ୍ଞାନ ଭିତ୍ତିକ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସପ୍ତାହବ୍ୟାପି ପାଳନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ନେଇ ଓରିଗାମୀ ୱାର୍କଶପ ହେବା ସହ କୁଇଜ୍ ପ୍ରତିଯୋଗିତା ଏବଂ ସାର ସି.ଭି ରମଣଙ୍କ ଉପରେ ଏକ ବ୍ୟାଖ୍ୟାନ ଓ ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଡିପିଏସ୍, ବାଲ୍ୟାମ୍ବା ଉପ୍ରା ବିଦ୍ୟାଳୟ, ସାରିଆପଦା ଉପ୍ରା. ବିଦ୍ୟାଳୟ ଓ ଅନ୍ଧ,ମୁକ ଓ ବଧିର ବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡଃ ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ ଡ଼ ଦେବୀ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାର୍ ଭେଙ୍କଟ ରମଣଙ୍କ ଜୀବନୀ ଓ ରମଣ ଇଫେକ୍ଟ ଉପରେ ତଥ୍ୟଭିତ୍ତିକ ସୂଚନା ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀଙ୍କୁ ନେଇ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ମହାକାଶରେ ଥିବା ଗ୍ରହ ଓ ଉପଗ୍ରହମାନଙ୍କ ଗତିବିଧିକୁ ନିରୀକ୍ଷଣକରି ଅନୁଧ୍ୟାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଅଧିକାରୀ ମଥୁରୀ ମୋହନ ରାଉତଙ୍କ ମାର୍ଗଦର୍ଶନରେ ଏଜୁକେସନ ଆସିଷ୍ଟାଣ୍ଟ ଶଙ୍କର ଗୁରୁଙ୍ଗ, ଏଜୁକେସନ ଟ୍ରେନିଂ ପ୍ରଦ୍ୟୁମ୍ନ କୁମାର ସାହୁ ଓ ରୂପାଲି ପରମାଣିକଙ୍କ ସମେତ ଟେକନିସିଆନ୍ ଶୁକ୍ଲାଲ ମାରାଣ୍ଡି, ଶତ୍ରୁଜିତ୍ ମଲ୍ଲିକ, ମଳୟ କୁମାର ସୁତାରଙ୍କ ସହ ପ୍ରବୋଧ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ,୧୩(ରତନ ନାୟାର):** ଢେଙ୍କାନାଳ ସହର କୁଞ୍ଜକାନ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ନନ୍ଦଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସଭାପତି ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ନନ୍ଦ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ସବିତା ତ୍ରିପାଠୀ କହିଲେ ଯେ, ପିଲାଙ୍କ ଶୈକ୍ଷିକମାନ ବୃଦ୍ଧି ଉପରେ ସେ ସଦାବେଳେ ଯତ୍ନବାନ ଥିଲେ । କମିଟି ସଦସ୍ୟା ରଞ୍ଜିତା ସ୍ୱାଇଁ ତାଙ୍କର କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ । ଶିକ୍ଷୟିତ୍ରୀ ମମତା ମହାପାତ୍ର, ନିରୁପମା ମିଶ୍ର, ଅନିତା ମିଶ୍ର, ଅଞ୍ଜଳି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପାଚିକା ମଞ୍ଜୁ ସାମଲ ଉପସ୍ଥିତ ଥିଲେ । ପରିଚାଳନା କମିଟି ସଭାପତି ସୁନିତା ନାୟକ ଧନ୍ୟବାଦ ଦେଇଥିଲେ ।

# ରାଜେଶ ସଭାପତି, ନବକିଶୋର ସମ୍ପାଦକ

## କଙ୍କଡାହାଡ଼ ବ୍ଲକ୍ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

କାମାକ୍ଷାନଗର,୧୩ (ସୁଧୀର କୁମାର ପରିଡ଼ା)



କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘର ବୈଠକ ମହାବିରୋଡ଼ସ୍ଥିତ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜେଶ କୁମାର ଦେହୁରୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ କ୍ଷୀରୋଦ ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ସଂଘ ଉପଦେଷ୍ଟା ଦିବ୍ୟସିଂହ ଦେହୁରୀ, ବୀରବର ସାହୁ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ କୌଣସି ନିୟମ ପ୍ରଣୟନ ହେଉ ନ ଥିବା କାରଣରୁ ଉପସ୍ଥିତ ସାମ୍ବାଦିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ବାବଦରେ ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା ପାଇଁ ଦାବି ହୋଇଥିଲା। ଏହି ବ୍ଲକରେ ହେଉଥିବା ଦୁର୍ନୀତି ଓ ଅନିୟମିତତା କିପରି ରୋକାଯାଇ ପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜେଶ କୁମାର ଦେହୁରୀ ପୁନର୍ବାର ସଭାପତି, ନବକିଶୋର ସାହୁ ସାଧାରଣ ସମ୍ପାଦକ, ଅରବିନ୍ଦ ପାଳ ପୁନର୍ବାର କୋଷାଧ୍ୟକ୍ଷ, ଦିପେଶ ପଣ୍ଡା ଉପସଭାପତି, ଦୀପକ କୁମାର ସାହୁ ଉପସଭାପତି, କ୍ଷୀରୋଦ ଦେହୁରୀ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଚଗଲା ଦେହୁରୀ, ରିତେଶ ବ୍ରହ୍ମା, ରାଜୀବ ନାୟକ, ଜ୍ୟୋତି ଜୀବନ ସାହୁ, ପ୍ରକାଶ ଦେହୁରୀ, ଶଙ୍କର୍ଷଣ ନାଏକ ଉପସ୍ଥିତ ଥିଲେ।

# ତରଭୁଜ ଫସଲ ନଷ୍ଟ କଲା ଦନ୍ତା

ଭୁବନ, ୧୩ ( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ପାରହୋଇ ଶୁକ୍ରବାର ରାତିରେ ଏକ ଦନ୍ତା ହାତୀ ଭୁଷଳ ଗ୍ରାମ ନିକଟକୁ ପଳାଇ ଆସି ନଦୀକୂଳରେ ତରୁଭୁଜ ଚାଷୀଙ୍କ ପଲା ଭାଙ୍ଗି ଏକର ଏକର ଫସଲ ନଷ୍ଟ କରି ଗ୍ରାମ ଭିତରକୁ ପଶି ଆସିଥିଲା। ବିଳମ୍ବିତ ରାତିରେ ଭୁଷଳ ତଳସାହିରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଗ୍ରାମର ଚିତ୍ରସେନ ପାତ୍ରଙ୍କ ଘର ଭାଙ୍ଗିବା ସହିତ ୩ ବସ୍ତା ଧାନ ଓ ବାଦାମ ଖାଇ ନଷ୍ଟ କରିଦେଇଛି। ଖବର ପାଇ ଭୁବନ ବନବିଭାଗ କର୍ମଚାରୀ ହାତୀକୁ ପିଛା କରିଥିଲେ। ହାତୀଟି ଭାରତୀ ପାହାଡ଼ ପାଦଦେଶ ଦେଇ ନିକଟସ୍ଥ ଜଙ୍ଗଲ ତଥା କୁନ୍ଦିଦା ଗ୍ରାମ ଜଙ୍ଗଲ ଦେଇ ଯାଜପୁର ଜିଲା ବୋତଲଣ୍ଡା ଗ୍ରାମ୍ୟ ଜଙ୍ଗଲକୁ ପଳାଇଯାଇଥିଲା। ଭୁବନ ରେଞ୍ଜର ରାକେଶ ଦଳେଇ ଓ ଫରେଷ୍ଟର କଳ୍ପନା ବେହେରାଙ୍କ ସହିତ ସମସ୍ତ କର୍ମଚାରୀମାନେ ହାତୀ ପ୍ରତି ନଜର ରଖିଛନ୍ତି।

# ମାନବୀୟ ଉତ୍କର୍ଷର ଆଧାର ହେଉଛି ବିଜ୍ଞାନ

## ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରରେ ବିଜ୍ଞାନ ଦିବସ ପାଳିତ

ଢେଙ୍କାନାଳ,୧୩ (ରତନ ନାୟାର)



ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଦେବରାଜ ପରିଡା, ବିଜ୍ଞାନକୁ ଆମର ଉତ୍କର୍ଷର ଆଧାର ବୋଲି କହିବା ସହ ଆଗାମୀ ଦିନ ବାୟୋଟେକ୍ନୋଲୋଜିର ସମୟ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାର୍ ଭେଙ୍କଟ ରମଣଙ୍କ ଜୀବନୀ ଓ ରମଣ ଇଫେକ୍ଟ ଉପରେ ଏକ ତଥ୍ୟଭିତ୍ତିକ ପିପିଟି ମାଧ୍ୟମରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସି.ଭି.ରମଣଙ୍କ ଆବିର୍ଭାବ ଭାରତୀୟ ବିଜ୍ଞାନକୁ ନୂଆ ଦିଗ ଆଣିଦେଇଥିଲା ବୋଲି ନିଜର ଉପସ୍ଥାପନରେ ସେ କହିଥିଲେ। କପିଳାସ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରିୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତରେ ବିଜ୍ଞାନ ଓ ଯୁବକ ମାନଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିବାକୁ ଯାଇ କହିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁ ଛାତ୍ର ସୁନୀଲ ବେହେରା କାର୍ଯ୍ୟକ୍ରମକୁ ସୁସଂଯୋଜନା କରିଥିଲେ। ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ସସ୍ମିତା ଖଣ୍ଡା ପ୍ରଥମ, ସବିତା ବେହେରା ଦ୍ୱିତୀୟ ଓ ସ୍ମୃତିପ୍ରଜ୍ଞା ସାହୁ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଥିଲେ । ସେହିପରି ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ଶୁଭଶ୍ରୀ ଅନନ୍ୟା ଜେନା ପ୍ରଥମ, ଲିପୁ ସାହୁ ଦ୍ୱିତୀୟ ଓ ପ୍ରକକ୍ଷଣ ସେନାପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଗୁରୁଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ନେହଲତା ରାଜ ଓ କଲ୍ୟାଣୀ ସାହୁ ମଂଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରଶିକ୍ଷିକା ବିନ୍ଦୁ ବେହୁରିଆ, ମୋନାଲିସା ପ୍ରଧାନ, ଗ୍ରନ୍ଥାଗାରିକ ରାଜଶ୍ରୀ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ପ୍ରଶିକ୍ଷକ, ଗୁରୁଛାତ୍ରୀଛାତ୍ର ବୃନ୍ଦ ଓ କର୍ମଚାରୀ ବୃନ୍ଦ ଶତାଧିକ ସଂଖ୍ୟାରେ ଉପସ୍ଥିତ ଥିଲେ ।

